# ଭିଜା ଫଗୁଣ

ଭିଜା ଫଗୁଣ ମୁଁ ଦରଦୀ
ଜହ୍ନରେ ଖୋଜୁଛି
ନିରିମାଖୀ କଇଁ କଅଁଳ
ଡୋଳାରେ ଢଳୁଛି
ପ୍ରେମ ବେଦନାର ସ୍ମାରକୀ
ପରା ସେ ଜହ୍ନ
ରୂପ ପସରାର ଉପମାନ
ସେଇ ଜହ୍ନ
ନୀଳ ତିମିରିତ ସାଗରେ
ଲୁଚେ ଯେ ଜହ୍ନ
ପ୍ରିୟାର ଅଧର ଅପାଙ୍ଗେ
ଥାଏ ଯେ ଜହ୍ନ
ସେଇ ଜହ୍ନ ପରା ପ୍ରିୟାର
ଅଧରେ ଲୁଚିଛି
ଭିଜା ଫଗୁଣ ମୁଁ ଦରଦୀ
ଜହ୍ନରେ ଖୋଜୁଛି ।

ଘନ ତନ୍ଦ୍ରାର ସ୍ମୃତିରେ ପରା ମୋ
ଦରଦୀ ପ୍ରୀୟାରେ ଖୋଜୁଛି
ଶୀତକାକରର ମୁକୁତା ଟୋପାରେ
ପ୍ରିୟାର ଚିବୁକ ଚୁମୁଛି
ଶାନ୍ତ ଜଗତ ଶାଗୁଆ ଶାଢୀରେ
ମୋ ଦେହ ବାସନା ହଜିଛି

ପ୍ରତେ ହୁଏ ମନେ ପ୍ରିୟାର ଗଭାରେ

ସତେ ସେ ବାସନା ବାସୁଛି

ସଜଳ ଆଖିର ଲୋଳ ଅପାଙ୍ଗେ

ଚୁମ୍ବନ ଚିତ୍ର ଆଙ୍କିଛି

ସେଇ ଆଖିପରା କବିର ହୃଦୟେ

ପ୍ରେମର ଜୁଆର ସୃଜିଛି ।

ଗଭୀର ନିଶୀଥେ ସ୍ୱପ୍ନ ବୋଇତେ

ପ୍ରିୟା ନିତି ପ୍ରତି ମଜୁଛି

ଭିଜା ଫଗୁଣ ମୁଁ ଦରଦୀ

ଜହ୍ନରେ ଖୋଜୁଛି ।।

ରସାଳ ଡାଳରେ କୋଇଲି

ସୃଜେ ଯେ ମୂର୍ଚ୍ଛନା

ମୋ ପ୍ରିୟା କି ସତେ ସେଇ

ଡାକେ ହୁଏ ଉନ୍ମନା

ନୀଳ ଅମ୍ବୁଦେ କାଦମ୍ବିନୀ

ଧନୀ ଚମକେ

ବଜ୍ର ନିଦାଦେ ବ୍ୟଥିତା

ପରାଣ ଦମକେ

ସ୍ନିଗ୍ଧ ବଧୂର ଚିବୁକର ତଳେ

ସୁରଭିତ ହସ ଫୁଟଛି

ଭିଜା ଫଗୁଣ ମୁଁ ଦରଦୀ

ଜହ୍ନରେ ଖୋଜୁଛି ।

❑❑❑